# NATIONAL NEWS BULLETIN (ODIA)
## 4 April - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ମଧ୍ୟପ୍ରାଚ୍ୟରେ ରହୁଥିବା କେରଳମ୍ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ଉପରେ ସରକାରଙ୍କର ରହିଛି ସର୍ବୋଚ୍ଚ ପ୍ରାଥମିକତା, କହିଲେ ପ୍ରଧାନମନ୍ତ୍ରୀ ।

– କେରଳମ୍‌ରେ ବିଭିନ୍ନ ଦଳ ପକ୍ଷରୁ ନିର୍ବାଚନ ପ୍ରଚାର ଜୋରଦାର୍ ।

- ଅନାବଶ୍ୟକ ଭାବେ ଏଲ୍.ପି.ଜି. ଗ୍ୟାସ୍ ବୁକିଂ ନ କରିବା ଲାଗି ଜନସାଧାରଣଙ୍କୁ ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ।
- ଭାରତୀୟ ରେଳବାଇରେ ଗତ ଆର୍ଥିକ ବର୍ଷରେ ଅଭୁତପୂର୍ବ ବିକାଶ ହୋଇଛି, କହିଲେ ରେଳମନ୍ତ୍ରୀ ।
- ଆଫ୍‌ଗାନିସ୍ତାନରେ ଭୂମିକମ୍ପ; ୮ ମୃତ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଆଜିକାର ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ୬ ଓ୍ୱିକେଟ୍ ପରାସ୍ତ କଲା ଦିଲ୍ଲୀ କ୍ୟାପିଟାଲ୍ସ ।

– ଦ୍ୱିତୀୟ ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ ଗୁଜରାଟ ଟାଇଟନ୍ସ ବିପକ୍ଷରେ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ।

## ପିଏମ୍-କେରଳମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ନରେନ୍ଦ୍ର ମୋଦୀ କହିଛନ୍ତି, ମହିଳା ସଶକ୍ତିକରଣ ହେଉଛି ଏନ୍.ଡି.ଏ. ପାଇଁ ସର୍ବୋଚ୍ଚ ପ୍ରାଥମିକତା । ଏନ୍.ଡି.ଏ. ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସମସ୍ତ ଯୋଜନା ଦ୍ୱାରା ମହିଳାମାନେ ଉପକୃତ ହୋଇପାରିଛନ୍ତି । ତିରୁଭାଲ୍ଲାଠାରେ ନିର୍ବାଚନ ପ୍ରଚାର ଅଭିଯାନ ସମୟରେ ଆଜି ଏକ ଜନସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ମୋଦୀ କହିଛନ୍ତି, କେରଳମ୍' ଐତିହାସିକ ରୂପାନ୍ତରଣ ପାଇଁ ପ୍ରସ୍ତୁତ ଅଛି ।

ଜନସାଧାରଣଙ୍କର ଏନ୍.ଡି.ଏ. ପ୍ରତି ଗଭୀର ବିଶ୍ୱାସ ରହିଛି, ଯାହାକି ରାଜ୍ୟରେ ପରିଦୃଷ୍ଟ ହେଉଛି । ଶ୍ରୀ ମୋଦୀ ଏଲ୍.ଡି.ଏଫ୍. ଏବଂ ୟୁ.ଡି.ଏଫ୍.କୁ ସମାଲୋଚନା କରି କହିଛନ୍ତି, ଉଭୟ ରାଜ୍ୟକୁ ବହୁତ ଅବହେଳା କରିଛନ୍ତି । ଏନ୍.ଡି.ଏ. ସରକାରଙ୍କ ଅମଳରେ କେରଳମ୍‌କୁ ୫ ଗୁଣ ଅଧିକ ପାଣ୍ଠି ଯୋଗାଇ ଦିଆଯାଇଛି । ତିରୁଭାଲ୍ଲା ପବ୍ଲିକ୍ ଷ୍ଟାଡିୟମ୍

ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍.ଡି.ଏ. ପ୍ରାର୍ଥୀ ଓ ବରିଷ୍ଠ ନେତାମାନେ ଅଂଶଗ୍ରହଣ କରିଥିଲେ । ଥିରୁଅନନ୍ତପୁରମ୍‌ଠାରେ ଆଜି ସନ୍ଧ୍ୟାରେ ଆୟୋଜିତ ରୋଡ୍ ଶୋ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଯୋଗଦେଇଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ମଧ୍ୟପ୍ରାଚ୍ୟରେ ରହୁଥିବା ଭାରତୀୟ ବିଶେଷ କରି କେରଳମ୍ ଲୋକଙ୍କୁ ସୁରକ୍ଷା ଯୋଗାଇଦେବା ତାଙ୍କ ସରକାରଙ୍କ ସର୍ବୋଚ୍ଚ ପ୍ରାଥମିକତା । ଶ୍ରୀ ମୋଦୀ କହିଛନ୍ତି, ତାଙ୍କ ସରକାର ଭାରତୀୟମାନଙ୍କୁ ସୁରକ୍ଷା ଯୋଗାଇଦେବା ଦିଗରେ ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ସହ ଦୃଢ଼ ସମ୍ପର୍କ ରଖିଛନ୍ତି **।VO-**

ବରିଷ୍ଠ କଂଗ୍ରେସ ନେତା ତଥା ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଆଜି କେରଳମ୍‌ର ଇଡୁକି ଏବଂ ଏର୍ଣ୍ଣାକୁଲମ୍ ଜିଲ୍ଲାରେ ୟୁ.ଡି.ଏଫ୍. ପ୍ରାର୍ଥୀମାନଙ୍କ ପାଇଁ ନିର୍ବାଚନ ପ୍ରଚାର କରିଛନ୍ତି ।

ସିପିଆଇଏମ୍ ସାଧାରଣ ସମ୍ପାଦକ ଏମ୍.ଏ. ବେବୀ ଏବଂ ପଲିଟି ବ୍ୟୁରୋ ସଦସ୍ୟ ସୁଭାସିନୀ ଅଲି ଏଲ୍.ଡି.ଏଫ୍. ପ୍ରାର୍ଥୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ପ୍ରଚାର କରିଛନ୍ତି ।

ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ତଥା କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଆସନ୍ତାକାଲି କୋଜିକୋଡ଼, ଏର୍ଣ୍ଣାକୁଲମ୍ ଏବଂ ଥିରୁଅନନ୍ତପୁରମ୍ ଜିଲ୍ଲାର ବିଭିନ୍ନ ସ୍ଥାନରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର

କରିବେ । କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ ଆସନ୍ତାକାଲି କୋଲାମ୍ ଜିଲ୍ଲାରେ ୟୁ.ଡି.ଏଫ୍. ସପକ୍ଷରେ ନିର୍ବାଚନ ପ୍ରଚାର କରିବେ ।

## ଗଭ୍‌-ପେଟ୍ରୋଲିୟମ୍ ପ୍ରଡକ୍ଟସ୍

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ସମଗ୍ର ଦେଶରେ ପେଟ୍ରୋଲ୍, ଡିଜେଲ୍ ଏବଂ ଏଲ୍.ପି.ଜି. ଉପଲବ୍ଧତାକୁ ସୁନିଶ୍ଚିତ କରିବା ଲାଗି ସରକାର ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଏଣୁ ନାଗରୀକମାନେ ଆତଙ୍କିତ ନ ହୋଇ ପେଟ୍ରୋଲ୍, ଡିଜେଲ୍ କିଣିବା ଏବଂ ଅନାବଶ୍ୟକ ଭାବେ ଏଲ୍.ପି.ଜି. ଗ୍ୟାସ୍ ବୁକିଂ ନ କରିବା ଲାଗି ପରାମର୍ଶ ଦିଆଯାଇଛି ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ପେଟ୍ରୋଲିୟମ୍ ଜାତ ସାମଗ୍ରୀ ଏବଂ ଏଲ୍.ପି.ଜି. ଉପଲବ୍ଧତାକୁ ନିରନ୍ତର ବଜାୟ ରଖିବା ଲାଗି ସରକାରଙ୍କ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରାଯାଇଛି । ୫ କିଲୋଗ୍ରାମ୍ ବିଶିଷ୍ଟ ସିଲିଣ୍ଡର ନିକଟସ୍ଥ ସମସ୍ତ ଏଲ୍.ପି.ଜି. ବିତରଣ କେନ୍ଦ୍ର ନିକଟରେ ଉପଲବ୍ଧ ରହିଛି ଏବଂ ଯେକୌଣସି ବୈଧ ପରିଚୟପତ୍ର ଦର୍ଶାଇ ଏହା କିଣିପାରିବେ । ଏଥିପାଇଁ କୌଣସି ଠିକଣା ପ୍ରମାଣ ମଧ୍ୟ ଆବଶ୍ୟକତା ନାହିଁ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଗତ ମାସ

୨୩ ତାରିଖଠାରୁ ପ୍ରାୟ ୫ ଲକ୍ଷ ୭୦ ହଜାର’ ୫ କିଲୋଗ୍ରାମ୍ ବିଶିଷ୍ଟ ସିଲିଣ୍ଡର ବିକ୍ରି କରାଯାଇଥିବା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।

ଅନ୍‌ଲାଇନ୍ ମାଧ୍ୟମରେ ଏଲ୍.ପି.ଜି. ସିଲିଣ୍ଡର ବୁକିଂ ୯୫ ପ୍ରତିଶତ ବୃଦ୍ଧି ପାଇଛି ଏବଂ ଗତକାଲି ପ୍ରାୟ ୫୧ ଲକ୍ଷ ଘରୋଇ ଏଲ୍.ପି.ଜି. ସିଲିଣ୍ଡର ବିତରଣ କରାଯାଇଛି ବୋଲି ସୂଚନା ଦିଆଯାଇଛି । ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ପି.ଏନ୍.ଜି., ଇଣ୍ଡକସନ୍ ଏବଂ ଇଲେକ୍ଟ୍ରିକ୍ କୁକ୍‌ଟପ୍ସ ବ୍ୟବହାର କରିବା ଲାଗି ମଧ୍ୟ ନାଗରୀକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି ।

ବନ୍ଦର, ଜାହାଜ, ଏବଂ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ଗତକାଲି ହର୍ମୁଜ୍ ପ୍ରଣାଳୀ ଦେଇ ଭାରତକୁ ଏଲ୍.ପି.ଜି. ଜାହାଜ ଗ୍ରୀନ୍ ସାନ୍‌ଭି ସୁରକ୍ଷିତ ଭାବେ ଆସୁଥିବା ସୂଚନା ଦିଆଯାଇଛି । ଏଥିରେ ୪୬ ହଜାର ୬୫୦ ମେଟ୍ରିକ୍ ଟନ୍ ଏଲ୍.ପି.ଜି. ମାଲ୍ ରହିଛି । ସମୁଦାୟ ୧୭ଟି ଭାରତୀୟ ଜାହାଜ ଏବଂ ୪୬୦ ନାବିକ ପଶ୍ଚିମ ପାରସ୍ୟ ଉପସାଗରୀୟ ଅଞ୍ଚଳରେ ଅଛନ୍ତି ବୋଲି ସୂଚନା ଦିଆଯାଇଛି ।

ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବିମାନ ଚଳାଚଳ ବ୍ୟବସ୍ଥାରେ ଉନ୍ନତି ଘଟିଛି । ଫେବୃୟାରୀ ୨୮ ତାରିଖ ପରଠାରୁ ପ୍ରାୟ ୬ ଲକ୍ଷ ୭୫ ହଜାର ଯାତ୍ରୀ ଉପସାଗରୀୟ ଅଞ୍ଚଳରୁ ଭାରତକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

# ବୈଷ୍ଣବ-ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ଭାରତୀୟ ରେଳବାଇରେ ଯୋଗାଯୋଗ କ୍ଷେତ୍ରରେ ବ୍ୟାପକ ପରିବର୍ତ୍ତନ ହୋଇଛି । ବର୍ଷସାରା ଦୈନିକ ପାଖାପାଖି ୨୫ ହଜାର ଟ୍ରେନ୍ ଯାତାୟତ କରୁଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ବୈଷ୍ଣବ ଗତ ଆର୍ଥିକ ବର୍ଷରେ ଭାରତୀୟ ରେଳବାଇରେ ଅଭୁତପୂର୍ବ ବିକାଶ ହୋଇପାରିଥିବା କହିଛନ୍ତି ।

ଶ୍ରୀ ବୈଷ୍ଣବ' ମାଲ ଓ ଯାତ୍ରୀ ପରିବହନ ବ୍ୟବସ୍ଥାରେ ଉନ୍ନତି, ବନ୍ଦେ ଭାରତ ସେବା ସମ୍ପ୍ରସାରଣ, ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି, ରେଳ ଷ୍ଟେସନ୍ ଏବଂ ଟର୍ମିନାଲ୍ ଭିତ୍ତିଭୂମିର ସୁଦୃଢ଼ିକରଣ ହୋଇପାରିଥିବା କହିଛନ୍ତି । ରେଳ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମାଲ ପରିବହନ ବ୍ୟବସ୍ଥାରେ ଐତିହାସିକ ପ୍ରଗତି ହାସଲ ହୋଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ୧ ହଜାର ୬୭୦ ମିଲିୟନ୍ ଟନ୍ ମାଲ ପରିବହନ ହୋଇଛି । ଭାରତୀୟ ରେଳବାଇ ପକ୍ଷରୁ ସ୍ୱଦେଶୀ ଜ୍ଞାନକୌଶଳରେ ୧୫୦୦ରୁ ଅଧିକ ଟ୍ରେନ୍ ଏବଂ ୬ହଜାର ୬୦୦ରୁ ଊର୍ଦ୍ଧ୍ୱ ଏଲ୍.ଏଚ୍.ବି. କୋଚ୍ ନିର୍ମାଣ କରାଯାଇଛି । ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ନିମନ୍ତେ ଭାରତୀୟ ରେଳବାଇ ପକ୍ଷରୁ ୩ ହଜାର କିଲୋମିଟରରୁ ଊର୍ଦ୍ଧ୍ୱ ରେଳପଥରେ ସ୍ୱଦେଶୀ ଜ୍ଞାନକୌଶଳରେ କବଚ ସ୍ୱୟଂକ୍ରିୟ ରେଳ ସୁରକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଛି । ସେହିପରି  ୩୫ଟି ଗତିଶକ୍ତି ମାଲ ପରିବହନ ଟର୍ମିନାଲ୍ ଆରମ୍ଭ କରାଯାଇ ମାଲ ପରିବହନ କ୍ଷମତାର ଉନ୍ନତି କରାଯାଇପାରିଛି ।

ଇତିମଧ୍ୟରେ ଅମୃତ ଭାରତ ଷ୍ଟେସନ୍ ଯୋଜନା ଅଧୀନରେ ୧୯୯ଟି ଷ୍ଟେସନ୍‌ର ବିକାଶ କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ଭାଇସ୍ ପ୍ରେସିଡେଣ୍ଟ-ବିହାର

ଛାତ୍ରଛାତ୍ରୀମାନେ ନିଜ ନିଜର ବୃତ୍ତିଗତ ଜୀବନରେ ମହାତ୍ମା ଗାନ୍ଧିଙ୍କ ସତ୍ୟ, ଅହିଂସା ଏବଂ ଆତ୍ମବିଶ୍ୱାସ ନୀତିକୁ ପ୍ରୟୋଗ କରିବା ପାଇଁ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ପରାମର୍ଶ ଦେଇଛନ୍ତି । ଉପରାଷ୍ଟ୍ରପତି ଆଜି ବିହାରର ମୋତିହାରୀ ଠାରେ ଥିବା ମହାତ୍ମା ଗାନ୍ଧି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇଛନ୍ତି । ଉପରାଷ୍ଟ୍ରପତି ଶ୍ରୀ ରାଧାକ୍ରିଷ୍ଣନ୍ ଶିକ୍ଷାର ପରିବର୍ତ୍ତନକାରୀ ଶକ୍ତି ବିଷୟରେ ଅବଗତ କରାଇବା ସହ ଦେଶ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡ଼ିକୁ ସମାଧାନ କରିବା ପାଇଁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ଏବେ ଦେଶ ଅମୃତକାଳ ଦେଇ ଗତି କରୁଥିବା ବେଳେ ଆସନ୍ତା ୨୦୪୭ ସୁଦ୍ଧା ଆମ ଦେଶ ବିକଶିତ ରାଷ୍ଟ୍ରରେ ପରିଣତ ହେବ ଏବଂ ଯୁବକଯୁବତୀମାନେ ଏହି ପରିବର୍ତ୍ତନର ସ୍ଥପତି ବୋଲି ଉପରାଷ୍ଟ୍ରପତି କହିଛନ୍ତି । ବିଭିନ୍ନ କ୍ଷେତ୍ରରେ ନବସୃଜନ ସହ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ଉପରାଷ୍ଟ୍ରପତି ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ଜନବିଶ୍ୱାସ ବିଲ୍

ଜନବିଶ୍ୱାସ ବିଲ୍ ୨୦୨୬ ସଂସଦର ଅନୁମୋଦନ ଲାଭି କରିବା ପରେ ୨୩ଟି ମନ୍ତ୍ରଣାଳୟର ୭୯ଟି କେନ୍ଦ୍ରୀୟ ଆଇନ୍ ଓ ଏଥିରେ ଥିବା ୭୮୪ଟି ଉପଧାରାକୁ ସଂଶୋଧନ କରାଯାଇଛି । ଏହାଫଳରେ ସାମାନ୍ୟ ପ୍ରକ୍ରିୟାଗତ ତ୍ରୁଟି ପାଇଁ ପୂର୍ବରୁ ଥିବା ଫୌଜଦାରୀ ଦଣ୍ଡକୁ ହଟାଇ ଦିଆଯାଇଛି । ବିଲ୍‌ରେ ବ୍ୟବସାୟ କ୍ଷେତ୍ରକୁ ସହଜ କରିବା ପାଇଁ ବହୁ ପଦକ୍ଷେପ ନିଆଯାଇଛି । ଭାରତୀୟ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ସଂଘ ପକ୍ଷରୁ ଏହି ଆଇନ୍‌କୁ ସ୍ୱାଗତ କରାଯାଇଛି ।

## ଆଫଗାନିସ୍ତାନ-ଆର୍ଥକ୍ୱେକ୍

ଆଫ୍‌ଗାନିସ୍ତାନର ଉତ୍ତରାଞ୍ଚଳରେ ୫ ଦଶମିକ୍ ୯ ତୀବ୍ରତା ବିଶିଷ୍ଟ ଭୂମିକମ୍ପ ଅନୁଭୂତ ହୋଇଛି । ଭୂମିକମ୍ପରେ ୮ ଜଣଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି । ଆଫ୍‌ଗାନିସ୍ତାନର ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମହମ୍ମଦ ୟୁସୁଫ୍ ହମ୍ମାଦ୍ କହିଛନ୍ତି, କାବୁଲ୍ ପ୍ରଦେଶରେ ଘର ଭୁଶୁଡ଼ି ପଡ଼ିବା ଯୋଗୁଁ ଏମାନଙ୍କର ମୃତ୍ୟୁ ଘଟିଛି । କାବୁଲ୍‌ରୁ ୧୮୬ ଦଶମିକ୍ ୪ କିଲୋମିଟର ଗଭୀରତାରେ ଏହି ଭୂମିକମ୍ପର କେନ୍ଦ୍ରସ୍ଥଳ ଥିଲା ।

# ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୬ ୱିକେଟ୍‌ରେ ବିଜୟୀ ହୋଇଛି । ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ଠାରେ ଅନୁଷ୍ଠିତ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲା । ମୁମ୍ବାଇ ଇଣ୍ଡିଆନ୍ସ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୬୨ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ୧୮ ଓଭର ଗୋଟିଏ ବଲ୍‌ରେ ୪ ୱିକେଟ୍ ହରାଇ ୧୬୪ରନ୍ ସଂଗ୍ରହ କରିଥିଲା ।

ଆଉ କିଛି ସମୟ ପରେ ରାଜସ୍ଥାନ ରୟାଲ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ମ୍ୟାଚ୍ ଅନୁଷ୍ଠିତ ହେବ । ଟସ୍ ଜିତି ରାଜସ୍ଥାନ ରୟାଲ୍ସ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।